# ସଲପ, ଭାତ, ଲୁଣ

ମାର୍ଦିପଙ୍ଗାଲୁ ଭଲରେ ଚାଲିପାରୁ ନଥିଲା । ଆଗକୁ ଯାଉ ଯାଉ କାହା ବାରଣ୍ଡାରେ ଟିକିଏ ବସି ପଡୁଥିଲା । ମୁଣ୍ଡରେ ଘୋଡେଇ ହୋଇଥିଲା ଛିଣ୍ଡା କନା ଖଣ୍ଡେ । ଦି ହାତରେ ଦି'ଟା ଚେପା ରସ ଡେକ୍‌ଚି । ଗାଡ଼ିରୁ ଓହ୍ଲେଇ ଆମେ ସିଧା ପହଞ୍ଚିଥିଲୁ ମାର୍ଦି ପାଖରେ । ଦିନ ଦ୍ୱିପହର । ଖରା ଟାଣ ଥିଲା ସତ, କିନ୍ତୁ ଗରମ ଆଦୌ ଜଣାପଡୁ ନଥିଲା । ମାଉସୀ, କୁଆଡେ ଯାଉଛ ? ଡ୍ରାଇଭରଙ୍କୁ ମାଧ୍ୟମ କରି ଏକଥା ପଚାରିଥିଲି ଡେକ୍‌ଚି ଧରି ବଡ କଷ୍ଟରେ ଚାଲୁଥିବା ମାର୍ଦିକୁ । କିଛି ସମୟ ପରେ ଆମଠୁ ପ୍ରାୟ ପଚାଶ ମିଟର ଦୂର ଢାଲୁ ଜାଗାରେ ଥିବା ଚୁଆକୁ ଇଙ୍ଗିତ କରୁଥିଲା ସେ । ତାପରେ ଆଉଁସୁଥିଲା ତା ବାଁ ଆଣ୍ଠୁକୁ । ଡ୍ରାଇଭର କହିଲା ଯେ, ଚୁଆରୁ ପାଣି ଆଣିଲା ବେଳେ ଆଗରୁ ଦି ଥର ପଡି ମାର୍ଦିର ଆଣ୍ଠୁ ମାଡ ହୋଇଯାଇଛି । ଏଣେ ପାଣି ନ ଆଣିଲେ ନ ଚଳେ । ଘରେ ଆଉ କେହି ନାହାନ୍ତି । ଚାଲିଲା ବେଳେ କଷ୍ଟ ହେଉଛି । ଜଣଙ୍କ ବାରଣ୍ଡା ଉପରେ ମାର୍ଦି ପୁଣି ବସିପଡିଲା । ତା ଆଖିରୁ ଲୁହ ବୋହି ଆସୁଥିଲା ।


ତା.୯/୦୩/୨୦୧୩ । ଆମେ ଥିଲୁ ଫୁଲବାଣୀଠୁ ୧୬୫ କିମି ଦୂର ଦାରିଙ୍ଗିବାଡି ବ୍ଲକ୍‌ର ବୁଡେଡି ଗାଁରେ । ସରାମୁଳି ପଞ୍ଚାୟତର ୧୧ଟି ଗାଁ ଭିତରେ ଏ ଗାଁ ଟି ଛୋଟିଆ ଗାଁ । ମାତ୍ର ୧୮ ଟି ପରିବାର । ଲୋକସଂଖ୍ୟା ୧୦୦ ପାଖାପାଖି । ସମସ୍ତେ ଖ୍ରୀଷ୍ଟିୟାନ୍ । ଗତ ଅକ୍ଟୋବର ମାସରେ ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରକଳ୍ପ ଚୟନ ପାଇଁ ସାରା ରାଜ୍ୟରେ କରାଯାଇଥିବା ଗ୍ରାମସଭା ସଶକ୍ତିକରଣ କାର୍ଯ୍ୟକ୍ରମରେ ସରାମୁଳି ପଞ୍ଚାୟତ ସାମିଲ ହୋଇପାରିନଥିଲା । କିଛି ଲୋକ ଗାଁ ଗାଁ ବୁଲି ପଲ୍ଲୀସଭାରେ ଯୋଗ ନଦେବା ପାଇଁ ଲୋକଙ୍କୁ ରୀତିମତ ଡରେଇଥିଲେ । ସେମାନେ ବିରୋଧ କରୁଥିଲେ

ନିର୍ବାଚିତ ସରପଞ୍ଚଙ୍କୁ, ଯିଏ କେଇ ମାସ ଆଗରୁ ୫୫ ବସ୍ତା ପିଡିଏସ୍ ଚାଉଳ ଚୋରା ଚାଲାଣ କଲାବେଳେ ପୁଲିସ୍ ହାତରେ ଧରାପଡି ଜେଲ୍ ଯାଇଥିଲେ । ଆମେ ଗାଁରେ ଲୋକଙ୍କୁ ବୁଝାଉଥିଲୁ, ଏଥର ପଲ୍ଲୀସଭା କରାଇଦେବା ପାଇଁ । କିଛି ଆମ କଥା ଶୁଣୁଥିଲେ । ଆଉ କିଛି ତଥାପି ଡରୁଥିଲେ, ନେତାମାନଙ୍କୁ । ମାଓବାଦୀମାନଙ୍କୁ । ବୁଡେଡି, ସରାମୁଳି ସମେତ ଆଖପାଖ ଗାଁ ମାଓବାଦୀଙ୍କ ଖାସ୍ ଇଲାକା ଭାବରେ ସେ ଅଞ୍ଚଳରେ ଜଣାଶୁଣା ଥିଲା । ସ୍ଥାନୀୟ ପ୍ରାଶାସନିକ ଅଧିକାରୀ (ବିଡିଓ) କହିଥିଲେ ଯେ ସେ ଜାଣିବାରେ ଗତ କେଇ ବର୍ଷ ଧରି ଏ ଅଞ୍ଚଳକୁ କୌଣସି ପଦାଧିକାରୀ ଆସିନାହାନ୍ତି । ଦାରିଙ୍ଗିବାଡିରୁ ୫୦ କିଲୋମିଟର ଦୂର ଏଇ ପଞ୍ଚାୟତକୁ ଆସିବାକୁ ହେଲେ ୨୫-୩୦ କିଲୋମିଟର ଖୁବ୍ ଖରାପ ରାସ୍ତା ଦେଇ ଆସିବାପାଇଁ ପଡୁଥିଲା । ବୁଡେଡି ପରଠୁ ଆଗକୁ ଯିବା ପାଇଁ ଆଦୌ ଭଲ ରାସ୍ତା ନଥିଲା । ବିଡିଓ କହିଲେ ୫ କିମି ଜଙ୍ଗଲ ଭିତରେ ଚାଲି ଚାଲି ଗଲେ ପଡିବ ଦାରିଙ୍ଗିବାଡି ସୀମାର ଶେଷ ଗାଁ । ପ୍ରାହେଟିପଙ୍ଗା ।

ବୁଡେଡି ଗାଁ ମଝିରେ ଠିଆ ହୋଇ ଚାରିଆଡକୁ ଚାହିଁଲି । ଯୋଡିଏ ପକ୍କା ଘର । ଗୋଟିଏ ପ୍ରାଥମିକ ବିଦ୍ୟାଳୟ । ଆଉଟି ଏବେ ଏବେ ଚୂନ ଧଉଳା ହୋଇଥିବା ନୁଆଁଣିଆ ଆଜ୍‌ବେଷ୍ଟସ୍ ଛାତର ଚର୍ଚ୍ଚ । ଆମକୁ ଘେରି ଯାଇଥିଲେ ୪/୫ଟି ପିଲା । ସମିତ୍ ମୁଠାମାଝୀ, ଲମେଶ୍ୱର, ଶରତ, ମନୋଜ ଏବଂ ସାରଦା । ମନୋଜ ଗାଁ ସ୍କୁଲରେ ପଢୁଛି ବୋଲି କହୁଥିଲା, ଯଦିଓ ସ୍କୁଲକୁ ଶିକ୍ଷକ ଆସୁ ନଥିଲେ । ନୂଆଁ ପୋଷ୍ଟିଂ ହୋଇଥିବା ବାଲେଶ୍ୱରର ଜଣେ ଦିଦି ଜଏନ୍ କରିବା ପରେ ଗାଏବ୍ ହୋଇଯାଇଥିଲେ (ଅନୁପସ୍ଥିତ) । ପିଲାମାନେ ଓଡିଆ ଅଳ୍ପ ବୁଝୁଥିଲେ । ସେମାନଙ୍କୁ ପଚାରି ଜାଣିଲୁ ଯେ, ଗାଁ ରେ ନଳକୂଅ ନାହିଁ । ପିଇବା ପାଣି ପାଇଁ ଥିବା ଏକମାତ୍ର କୂଅ ତାଳପତ୍ର ପଡି ପୋତି ହୋଇପଡିଛି । ମାର୍ଦି ପରି ଗାଁର ଆଉମାନଙ୍କ ଆଶ୍ରା ହେଉଛି ଚୁଆ ।

ବିଡିଓଙ୍କ ମୁହଁକୁ ଚାହିଁଲି । ସେ କହିଲେ ଯେ ୭/୮ ମାସ ଧରି ନେତାଙ୍କ ଛକାପଞ୍ଝା ଯୋଗୁଁ ଏଠି ଉନ୍ନୟନ ବ୍ୟାହତ ତ ହେଉଛି, ତେବେ ତା'ଠୁ ବଡ ଅସୁବିଧା ହେଉଛି ଖରାପ ରାସ୍ତା । ଯା ବାଦ୍ ରହଛି ଠିକାଦାରଙ୍କ ଅଭାବ, ନିର୍ମାଣ ସାମଗ୍ରୀର ଅଭାବ ଏବଂ ସ୍ଥାନୀୟ ଅନାଗ୍ରହ । ଏସବୁ କେତେକାଂଶରେ ସତ ଅବଶ୍ୟ ଥିଲା, କିନ୍ତୁ ସମାନ ପରିମାଣର ଅନାଗ୍ରହ/ଉଦାସୀନତା ପ୍ରଦର୍ଶନ କରୁଥିଲା ପ୍ରଶାସନ । ପିଡିଏସ୍ ଚାଉଳକୁ ବାଦ୍ ଦେଲେ ଏଠି ସବୁ କାମ ଠପ୍ ଥିଲା ।

ସରାମୁଳିରେ ବର୍ଷ ବର୍ଷ ଧରି ନିର୍ମାଣାଧୀନ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ପଞ୍ଚାୟତ ଗୋଦାମ ଘର ଅସମ୍ପୂର୍ଣ୍ଣ ରହିଥିଲା । ଇନ୍ଦିରା ଆବାସ ଘର କାଁ ଭାଁ ହେଉଥିଲା, ଫାର୍ମ ପଣ୍ଡ ଢେର କମ୍ ଖୋଳା ହେଉଥିଲା, କିନ୍ତୁ ମଧ୍ୟସ୍ଥଙ୍କୁ ହାତ କରି, ମିଛ ପୋଖରୀ, ମିଛ ଘର ଦେଖେଇ ଅର୍ଥ ଆତ୍ମସାତ୍ ହେବାର ଅଭିଯୋଗ ଆସୁଥିଲା ।



୧୬୧ : ଚିତ୍ର ଭିତରେ ଆକାର

ସରକାରୀ କାର୍ଯ୍ୟାନୁଷ୍ଠାନ ହେଉଥିଲା ସତ, କିନ୍ତୁ ଉନ୍ନୟନ ବାବଦରେ ଆସୁଥିବା କୋଟି କୋଟି ଟଙ୍କା ବ୍ଲକ୍‌ରେ ପଡି ରହୁଥିଲା । ସମୁଦାୟ ପରିସ୍ଥିତିକୁ ଅଧିକ ଗୋଳମାଳିଆ କରି ଦେଉଥିଲା ଭୂଗୋଳ । ପୁଣି ସଂଯୋଗକୁ ମାଓବାଦୀଙ୍କ ନାଁରେ ଏଠି ପତିଆରା କମାଇଥିଲେ କିଛି କୁହି ନେତା । ଆଖପାଖ ଅଞ୍ଚଳରେ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଖୁବ୍ କମ୍ କାମ ହେଉଥିଲା ।

ଗାଁ ମୁଣ୍ଡରୁ ଦୂର ପାହାଡ ସବୁ ଏକଦମ୍ ଫୁଙ୍ଗୁଳା ଦେଖାଯାଉଥିଲେ । ପୋଡୁଚାଷ ପାଇଁ ଗଛ ସବୁ କଟା ସରିଥିଲା । ଡ୍ରାଇଭର କହିଲା, ଆଜ୍ଞା, ଖରାଦିନ ଆସିଗଲାଣି । ଆଉ କେଇଦିନ ପରେ ଜଙ୍ଗଲରେ ନିଆଁ ଲଗେଇ ଦିଆଯିବ । ଜଙ୍ଗଲ ଅଧିକାର ଆଇନରେ ସ୍ଥାନୀୟ ବାସିନ୍ଦାଙ୍କୁ ମିଳୁଥିବା ଜମି କଥା ମୁଁ କହିଲି । ବିଡିଓ କହିଲେ, ଜଙ୍ଗଲ ଅଧିକାର ବୋଇଲେ ଲୋକେ ଏଠି ଏୟା ବୁଝନ୍ତି ଯେ ସରକାରଙ୍କଠୁ ଜମି ପଟ୍ଟା ପାଇବାକୁ ହେଲେ ଯେତେ ଅଧିକ ସମ୍ଭବ ଘନ ଜଙ୍ଗଲ କାଟି ନଷ୍ଟ କରିବାକୁ ପଡିବ । ଜଙ୍ଗଲ ଅଧିକାର ଆଇନ ଆସିବା ପରେ ସ୍ଥାନୀୟ ବନ ସଂରକ୍ଷଣ ସମିତି ଅର୍ଥହୀନ ହୋଇପଡିଛି । ବିପଦର ସମ୍ମୁଖୀନ ହୋଇଛି ଅରଣ୍ୟ । ଡ୍ରାଇଭର କହିଲା, କାନ୍ଦୁଲ ଚାଷ ପାଇଁ ଦରକାର ପାହାଡିଆ ଢାଲୁ ଜମି । ଫସଲ ଅମଳ ଆଗରୁ ୨ ଥର ଡାଳ ସଫା କରି ଦେଇ ତେଣିକି ମାଙ୍କଡ ଜଗିବା କଥା ।

ପାଖ ଜଙ୍ଗଲ ସବୁ ପତଳା ହୋଇସାରିଥିଲା । ପତ୍ରଝଡ଼ା ଦେଉଥିଲେ ଗଛ । ବୁଟେଡିର ପୁରୁଷମାନେ ପ୍ରାୟ କେହି ଗାଁରେ ନଥିଲେ । ଯାଇଥିଲେ କାମକୁ, ନ ହେଲେ ନିଜ କାନ୍ଦୁଲ କିଆରୀକୁ । ଆମଠୁ ଅଳ୍ପ ଦୂରରେ ଦି'ଟା ଆମ୍ବ ଗଛରେ ବଉଳ ଖୁନ୍ଦି ହୋଇଥିଲା । ବଉଳର ମିଠା ବାସ୍ନା ଖେଳେଇ ହୋଇ ପଡ଼ିଥିଲା ଚାରିପାଖରେ । ଗୋଟାଏ ପ୍ରକାଣ୍ଡ ଶିମିଳିଗଛରେ ଲାଲଫୁଲଙ୍କ ମେଳରେ ଡିଆଁ ଡେଇଁ କରୁଥିଲେ ଦଳେ ପାତି ଶୁଆ । ସେତେବେଳକୁ ମାର୍ଦିପାଙ୍ଗାଲୁ ପାଇଁ ଆଉ ଜଣେ ଚୁଆରୁ ପାଣି ଆଣି ସାରିଥିଲା । ଏବେ ସେ ସାମାନ୍ୟ ଆଶ୍ୱସ୍ତ ଜଣାପଡୁଥିଲା । ସମିତ୍ ପାଟିରେ ଆଙ୍ଗୁଠି ପୂରେଇ ଚୁଚୁମୁ ଥିଲା । ଅନ୍ୟମନସ୍କ ବି ଲାଗୁଥିଲା । ମୁଁ ଭଲ ଭାବରେ ତା ମୁହଁକୁ ଚାହିଁଲି । ବୟସ ତୁଳନାରେ ସେ ସାନ ଦେଖା ଯାଉଥିଲା । ସମିତ୍‌ର ଡାହାଣ ଆଖି ଅଧା ବନ୍ଦ ଥିଲା । ଜଣାପଡିଲା ଯେ, ୫/୬ ବର୍ଷ ଆଗରୁ ରୋଗରେ ତା'ର ଗୋଟାଏ ଆଖି ଅଧା ବନ୍ଦ ହୋଇ ରହିଛି । ସେ ଆଖିକୁ ଆଉ ଦେଖାଯାଉନି । ମଇଳା ସ୍କୁଲ ୟୁନିଫର୍ମ ପିନ୍ଧିଥିଲା ସମିତ୍ । ପଚାରିଲୁ ପାଠ ପଢୁଛୁ ? ପାଟିରୁ ଆଙ୍ଗୁଠି କାଢି ସମିତ୍ ଅନ୍ୟ ଆଡକୁ ଚାହିଁଲା । ଗାଁ ମଝିରେ ସବ୍‌ଷ୍ଟେସନ୍ ଥିଲା, ଯଦିଓ କୌଣସି ଗୋଟିଏ ବିପିଏଲ୍ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନଥିଲା । ଲାପ୍‌ଟପ୍ ଦେଖି ବିଡିଓ କହିଲେ ଯେ, ରାଜୀବ ଗାନ୍ଧୀ ବିଦ୍ୟୁତ୍ କରଣ ଯୋଜନାରେ ଏ ଗାଁକୁ ଆଂଶିକ ଭାବେ ବିଦ୍ୟୁତ୍ କରଣ କରାଯାଇଛି ବୋଲି ତଥ୍ୟ ଅଛି ।

ଏ ଅଞ୍ଚଳର ସମସ୍ୟା ବାବଦରେ କୌଣସି ଜନ ପ୍ରତିନିଧି ମଧ୍ୟ ମୁଣ୍ଡ ଖେଳାନ୍ତି ନାହିଁ । ବିଭିନ୍ନ ଯୋଜନା ବାବଦରେ ଥିବା ବକେୟା ଅର୍ଥ କାହିଁକି ଖର୍ଚ୍ଚ ହୋଇପାରୁନାହିଁ, ସେ ବାବଦରେ ତର୍ଜମା ନ କରି ସେମାନେ ବରାବର ନୂଆ କାମ ଯୋଗାଡରେ ଥାନ୍ତି । ଏଣେ ବଡ କାମ ପାଇଁ ଟେଣ୍ଡର ହେଲେ ଏଠି ଭଲ ଠିକାଦାର ମିଳନ୍ତି ନାହିଁ । ଯଦି ବାହାରୁ କେହି ଟେଣ୍ଡର ପକାଏ ଏବଂ କାମ ତାକୁ ମିଳେ, ତେବେ ମାଓ ଧମକ- ଚାନ୍ଦା ପାଇଁ କାମ ଅଧାରୁ ବନ୍ଦ ରହିଯାଏ । ଏଇ ନୈରାଶ୍ୟଜନକ ବାସ୍ତବତାରୁ ମୁକୁଳିବା ପାଇଁ ସହଜ ରାସ୍ତା ନଥିଲା । ଆବଶ୍ୟକୀୟ ଆନ୍ତରିକତା କାହା ତରଫରୁ ମିଳୁନଥିଲା । ହଁ, କୌଣସି ପ୍ରକାର ବଞ୍ଚି ରହିବା ପାଇଁ ଲୋକେ ନିଶାପରି ନିର୍ଭରଶୀଳ ହୋଇ ଉଠିଥିଲେ ଦି' ଟଙ୍କିଆ (ଏବେ ଏକ ଟଙ୍କାରେ) ଚାଉଳ ଉପରେ । ଚାଉଳ ନୀତି ଏ ଅଞ୍ଚଳରେ ଖାଦ୍ୟ ନିରାପତ୍ତା ଯୋଗାଉଛି ବୋଲି ଜଣେ ଯୁକ୍ତି ଅବଶ୍ୟ କରିପାରିବ । କିନ୍ତୁ ଏକଥା ବି ସତ ଯେ କାର୍ଡ ଚାଉଳ ଶ୍ରମଭିତ୍ତିକ ଯୋଜନା ପାଇଁ ସବୁଠୁ ବଡ ଶତ୍ରୁ ହୋଇ ଠିଆ ହୋଇଛି । ବିଡିଓ କହିଲେ, କେଇବର୍ଷ ଧରି ଜୀବନ ଏଠି ଗୋଟାଏ ଫର୍ମାଟ୍‌ରେ ପଡିଯାଇଛି, ଯାହାର ଭିତ୍ତିଭୂମି ହେଉଛି କାର୍ଡ: ବିପିଏଲ୍ କାର୍ଡ, ଏପିଏଲ୍ କାର୍ଡ, ପିଏଲ୍ ଓ କାର୍ଡ, ଅନ୍ତୋଦୟ କାର୍ଡ, ଅନ୍ନପୂର୍ଣ୍ଣା କାର୍ଡ, ଦଙ୍ଗା କାର୍ଡ । (ଦଙ୍ଗା କାର୍ଡ ଏବେ ବନ୍ଦ) ସମସ୍ତେ କୌଣସି ନା କୌଣସି କାର୍ଡ ହାତେଇବାକୁ ଚାହାନ୍ତି । ଚାଉଳ ଏମାନଙ୍କର ଭାଗ୍ୟ ବିଧାତା । ଡାଲି, ପନିପରିବା ନହେଲେ ଚଳିବ । ସଲପ ସହିତ ଭାତ ଆଉ ଲୁଣ ହେଲେ ହେଲା । ଆମ ପାଖରେ ଥିବା ପିଲାଙ୍କ ମୁହଁକୁ ଚାହିଁଲି । କେହି ଜଣେ ହେଲେ ସୁସ୍ଥ ଜଣା ପଡୁନଥିଲେ ।

ନିକଟରେ ଖବର କାଗଜରେ ଜଣେ ଲେଖିଥିଲେ ଯେ ଓଡିଶା ପରି ରାଜ୍ୟରେ ଦିନକୁ ଦିନ ସମୃଦ୍ଧ ହେଉଥିବା ବିପିଏଲ୍ ଚାଉଳ ଶିଳ୍ପ ୨ ଟି ପ୍ରମୁଖ ପରିବର୍ତ୍ତନ ଆଣିଛି । (୧) କିଛି ଅଯୋଗ୍ୟଙ୍କ ପାଇଁ (ଯେଉଁମାନେ ବିପିଏଲ୍‌ରୁ ପ୍ରକୃତରେ ବାଦ୍ ପଡିବା କଥା, ଅଥଚ ପଡିନାହାନ୍ତି ) ବର୍ଷତମାମ ତାସଖେଳ ଏବଂ ଯାବତୀୟ ଗୁଲି ଗପର ସୁବର୍ଣ୍ଣଯୁଗ ଆସିଯାଇଛି । ଏମାନଙ୍କପାଇଁ ଚାଉଳ ଆପଣା ରାଜନୈତିକ ଆନୁଗତ୍ୟ ନିମନ୍ତେ ଅତିରିକ୍ତ ବୋନସ୍ (୨) ଅନ୍ୟମାନେ ଚାଉଳ ଯୋଗୁଁ ଏକ ନୂଆ ରୋଗର ଶିକାର ହୋଇଛନ୍ତି , ସବ୍‌ସିଡି ରାଇସ୍ ଡିପେନ୍‌ଡାନ୍‌ସ ସିଣ୍ଡ୍ରୋମ । ଏ ରୋଗର ଲକ୍ଷଣ ଶ୍ରମବିମୁଖତା- ଆଳସ୍ୟ ଏବଂ ଖାଦ୍ୟ ନିରାପତ୍ତାରୁ ଉତ୍ପନ୍ନ ଅହେତୁକ ଆତ୍ମସନ୍ତୋଷ । ଠିକ୍ ବୁଦେଡି ବାସିନ୍ଦାଙ୍କ ପରି । ସରାମୁଳି ପରି । ଅର୍ଥଶାସ୍ତ୍ରୀମାନଙ୍କ ମତ ଯେ, ସବ୍‌ସିଡି ଚାଉଳ ପରୋକ୍ଷରେ ଏକ ବିଷଚକ୍ରର ସୂତ୍ରପାତ କରିଛି ।

ସନ୍ଧ୍ୟା ଆଗରୁ ଆମେ ଦାରିଙ୍ଗିବାଡି ଫେରି ଆସୁଥିଲୁ । ରାସ୍ତା ଶୂନ୍‌ଶାନ୍ ଥିଲା । ଠାଏ ବ୍ରେକ୍ ଦେବାକୁ କହିଲେ ବିଡିଓ । ଗତ ନଭେମ୍ବର ପହିଲାରେ ବ୍ଲକ୍‌କୁ ଫେରିବା ବାଟରେ ସେଇଠି ସେ ଭେଟିଥିଲେ ଖଟିଆ କାନ୍ଧେଇ ଯାଉଥିବା କିଛି ଲୋକଙ୍କୁ । ଜାଗାଟା

ଧୁସାରି ଗାଁ ଛକଠୁ ଟିକିଏ ଆଗରେ । ଖଟିଆରେ ଶୋଇଥିଲା ପୌଷ୍ଟିନ୍ ନାୟକ । ବୟସ ୪୦/୪୨ ହେବ । ଦେହରେ ଭୀଷଣ ଜ୍ୱର ଥିଲା । କଥା କହିବାର ଯୁ ନଥିଲା । ଖାଲି ନିଶ୍ୱାସ ଚାଲୁଥିଲା । ବାମୁଣି ଗାଁ କି ଗଦାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥାଇ ପାରନ୍ତି, ଏୟା ଭାବି ବିଡିଓ ନିଜ ଗାଡିରେ ପୌଷ୍ଟିନ୍ ନାୟକ ଏବଂ ତାଙ୍କ ର ୩ ଜଣ ସମ୍ପର୍କୀୟଙ୍କୁ ଦାରିଙ୍ଗିବାଡି ନେଇଯିବା ପାଇଁ ପ୍ରସ୍ତାବ ଦେଲେ । ତେବେ କିଛି ଲାଭ ହୋଇନଥିଲା । ମାତ୍ର ୨ କି.ମି ଆସିବା ଭିତରେ ପୌଷ୍ଟିନ୍ ଆଖିବୁଜି ଦେଇଥିଲା । ବାସ୍, ତେଣିକି କେବଳ ବାକି ରହିଥିଲା ସରକାରୀ ଭାବେ ପୌଷ୍ଟିନ୍‌ର ମୃତ୍ୟୁ ଘୋଷଣା ।

ବିଡିଓ ଏ କଥା କହୁଥିବା ବେଳେ ଗାଡି ଆଗେଇ ଚାଲିଥିଲା । କିଛି ବାଟ ଆସିବା ପରେ ନାକରେ ବାଜିଲା ମିଠା ବାସ୍ନା । ଡ୍ରାଇଭର ଟିକେ ଦୂରକୁ ହାତ ଦେଖେଇ କହିଲା, 'ମହୁଲ' । ବିଡିଓ କହିଲେ, ପୌଷ୍ଟିନ୍‌ର ମୃତ୍ୟୁ ଉପରାନ୍ତ ତାର ସ୍ତ୍ରୀ ଆଞ୍ଜେଲିନାକୁ ଜାତୀୟ ପରିବାର କଲ୍ୟାଣ ପାଣ୍ଠିରୁ ସାହାଯ୍ୟ ମିଳିସାରିଛି । 'ମୋ କୁଡିଆ'ରେ ଘର ବି ମିଳିବ । *

(ସମ୍ବାଦ, ମାର୍ଚ୍ଚ ୨୩, ୨୦୧୩)